BAGEESHA
ବାଗୀଶ
ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା | ଜାନୁୟାରୀ-ଫେବୃୟାରୀ ୨୦୨୫
Volume No. 03 | Issue No. 01 | Jan - Feb 2025
Refereed Peer-Reviewed Journal

# ବାଲେଶ୍ୱର ଲୋକଚଳଣିରେ ବଙ୍ଗୀୟ ସଂସ୍କୃତିର ପ୍ରଭାବ

**ସୁସନ୍ଧ୍ୟା ପ୍ରିୟଦର୍ଶନୀ ନାୟକ**
ଅଧ୍ୟାପିକା ଓଡ଼ିଆ ବିଭାଗ, ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ, ଭୋଗରାଇ, ବାଲେଶ୍ୱର

BM2025/01-A004
RECEIVED : 24 DEC 2024
ACCEPTED : 25 FEB 2025
REVISED: 28 FEB 2025
PUBLISHED: 10 MAR 2025
ARTICLE QR CODE

ଗବେଷଣାତ୍ମକ ନିବନ୍ଧର ସମୀକ୍ଷକ:
ଡ. ବିଜୟଲକ୍ଷ୍ମୀ ଦାଶ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

DOI:10.70541/BAGEESHA/2025030104

Article No. BM2025/01-A004
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

**ସାରାଂଶ**

୧୯୩୬ ମସିହାରେ ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ହେଲା। ମେଦିନୀପୁର, ଷଢ଼େଇକଳା, ସିଂହଭୂମି ଆଦି ଅଞ୍ଚଳରେ ବହୁ ପରିମାଣରେ ଓଡ଼ିଆ ଭାଷାଭାଷୀ ଲୋକ ବସବାସ କରୁଥିଲେ ମଧ୍ୟ ତାହା ଓଡ଼ିଶାଠାରୁ ବିଚ୍ଛିନ୍ନ ହୋଇଥିଲା। ଯାହା ଫଳରେ ଓଡ଼ିଶା ଓ ପଶ୍ଚିମବଙ୍ଗର ସୀମାରେଖା ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କଦ୍ୱାରା ଏକ ମିଶ୍ରିତ ସଂସ୍କୃତି ସୃଷ୍ଟି ହୋଇଥିଲା। ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ ଆଦି ଅଞ୍ଚଳ ବହୁ ପରିମାଣରେ ପଶ୍ଚିମବଙ୍ଗର ଲୋକଚଳଣି ଦ୍ୱାରା ପ୍ରଭାବିତ ହୋଇଥିବା ଦେଖିବାକୁ ମିଳେ। କଲିକତାର ମେଦିନୀପୁର, ଦୀଘା, କାନ୍ଥି ଆଦି ବାଲେଶ୍ୱରର ପଡ଼ୋଶୀ ଅଞ୍ଚଳ। ଏଣୁ ବାଲେଶ୍ୱରରେ ଲୋକ ଚଳଣିରେ ବଙ୍ଗୀୟ ପ୍ରଭାବ ଲକ୍ଷ୍ୟ କରାଯାଏ। ଆଲୋଚନାଟି ଏକ୍ଷେତ୍ରରେ ଉପସ୍ଥାପନାଗତ ସାମାନ୍ୟ ପ୍ରୟାସ ମାତ୍ର।

ମୂଳଶବ୍ଦ: ସଂସ୍କୃତି, ବାଲେଶ୍ୱର, ବଙ୍ଗଳା, ଧର୍ମ, ଭାଇଫଣ୍ଟା, ଜାମାୟୀଷଷ୍ଠୀ, ମନସା ପୂଜା, ମିଶ୍ରିତ ଶବ୍ଦ।

**ଉପକ୍ରମ:** ବିଭିନ୍ନତା ମଧ୍ୟରେ ଏକତାର ଦେଶ ଭାରତ। ବିଭିନ୍ନ ଧର୍ମ, ଭାଷା ଏବଂ ସଂସ୍କୃତିର ଲୋକ ଏଠି ବସବାସ କରନ୍ତି। ପ୍ରାକୃତିକ ପରିବେଶ ନଦୀ, ନାଳ, ପାହାଡ, ଜଙ୍ଗଲ କେଉଁଠି ଏହାର ସୀମାରେଖା ନିର୍ଦ୍ଧାରଣ କରିଛି ତ କେଉଁଠି ତାର-ଜାଲି, ଲୁହା ଓ ସିମେଣ୍ଟର ଖୁଣ୍ଟ। କିନ୍ତୁ ସବୁପରେ ବି ମଣିଷ ସୀମାରେଖା ଭୁଲି ପ୍ରଭାବିତ ହୁଏ। ମଣିଷ ମଣିଷକୁ ଆକର୍ଷିତ କରେ, ତା'କୁ ଯେଉଁଟା ଭଲ ଲାଗେ ଅନ୍ୟ ଧର୍ମ ସଂସ୍କୃତିର ହେଲେ ମଧ୍ୟ ଆପଣାଏ। ନିଜ ସଂସ୍କୃତି ସମାଜ ସହ ସାମିଲ କରିନିଏ। ତାହା ମଧ୍ୟ ହୋଇଯାଏ ତା ଚଳଣି ପରମ୍ପରାର ଅବିଚ୍ଛେଦ୍ୟ ଅଙ୍ଗ। ଏହି ସମନ୍ୱୟ ହିଁ ଭାରତୀୟ ସଂସ୍କୃତିର ମହାନତା। ଭାରତର ମାନଚିତ୍ର ଦେଖିଲେ ଓଡ଼ିଶାର ତିନି ପାଖରେ ଘେରି ରହିଛି ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପୂର୍ବରୁ ଇଂରେଜମାନେ ତାଙ୍କ ସୁବିଧା ପାଇଁ ଓଡ଼ିଶାକୁ ମାନ୍ଦ୍ରାଜ, ମଧ୍ୟପ୍ରଦେଶ, ବଙ୍ଗ, ବିହାର ସହ ମିଶାଇ ରଖିଥିଲେ। ୧୯୩୬ ମସିହାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ କରାଗଲା। ମେଦିନୀପୁର, ଷଢ଼େଇକଳା, ସିଂହଭୂମି ଆଦି ଅଞ୍ଚଳରେ ବହୁ ପରିମାଣରେ ଓଡ଼ିଆ ଭାଷାଭାଷୀ ଲୋକ ବସବାସ କରୁଥିଲେ ମଧ୍ୟ ତାହା ଓଡ଼ିଶାଠାରୁ ବିଚ୍ଛିନ୍ନ ହୋଇଥିଲା। ଯାହା ଫଳରେ ଓଡ଼ିଶା ଓ ପଶ୍ଚିମବଙ୍ଗର ସୀମାରେଖା ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ଦ୍ୱାରା ଏକ ମିଶ୍ରିତ ସଂସ୍କୃତି ସୃଷ୍ଟି ହୋଇଥିଲା। ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ ଆଦି ଅଞ୍ଚଳ ବହୁ ପରିମାଣରେ ପଶ୍ଚିମବଙ୍ଗର ଲୋକଚଳଣି ଦ୍ୱାରା ପ୍ରଭାବିତ ହୋଇଥିବା ଦେଖିବାକୁ ମିଳେ। କଲିକତାର ମେଦିନୀପୁର, ଦୀଘା, କାନ୍ଥି ଆଦି ବାଲେଶ୍ୱର ପଡ଼ୋଶୀ ଅଞ୍ଚଳ। ଏଣୁ ବାଲେଶ୍ୱରରେ ବିବାହ, ବ୍ରତ, ପୂଜାର୍ଚ୍ଚନା, କଥାଭାଷା, ସାହିତ୍ୟ ଆଦିରେ ବଙ୍ଗୀୟ ପ୍ରଭାବ ଲକ୍ଷ୍ୟ କରାଯାଏ। କେବଳ ବାଲେଶ୍ୱର ବଙ୍ଗ ଦ୍ୱାରା ନୁହେଁ ବଙ୍ଗ ମଧ୍ୟ ବାଲେଶ୍ୱର ଦ୍ୱାରା ପ୍ରଭାବିତ। ଉଭୟଙ୍କ ମଧ୍ୟରେ ସମାଜ, ବିବାହ ଆଦି ଦ୍ୱାରା ଭାଇଚାରା ବଢୁଥିବାରୁ ଏହା ସମ୍ଭବ ହୋଇଛି।

**ବିଷୟର ଆଲୋଚନା:** ସଂସ୍କୃତିର ସହସ୍ର ମୁଖ। ମଣିଷ ସମୟାନୁସାରେ ସଂସ୍କୃତିକୁ ଗଢିଛି ଏବଂ ଏହି ସଂସ୍କୃତି ମଧ୍ୟ

ମଣିଷ ପିଲାକୁ ସୁମଣିଷ କରି ଗଢି ତୋଳିଛି। ସଂସ୍କୃତି ବ୍ୟକ୍ତି କୈନ୍ଦ୍ରିକ ନୁହେଁ, ଗୋଷ୍ଠୀ ଦ୍ୱାରା ନିୟନ୍ତ୍ରିତ। ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଆଦି ଅଞ୍ଚଳର ଲୋକମାନେ ପଶ୍ଚିମବଙ୍ଗର ଦୀଘା, କାନ୍ଥି, ମେଦିନୀପୁର, ରାମନଗର ଆଦି ଅଞ୍ଚଳରେ ବିବାହାଦି ସାମାଜିକ ସମ୍ପର୍କ ସ୍ଥାପନ କରନ୍ତି। ଏତଦ୍ ବ୍ୟତୀତ ଯୋଗାଯୋଗ, ଗମନାଗମନ, ବାଣିଜ୍ୟ, ବ୍ୟବସାୟ ଆଦି ଦ୍ୱାରା ଏହି ଅଞ୍ଚଳମାନ ପରସ୍ପର ଉପରେ ନିର୍ଭର କରନ୍ତି। ଯଦ୍ୱାରା ବଙ୍ଗୀୟ ସଂସ୍କୃତିର ପ୍ରଭାବ ବହୁ ପରିମାଣରେ ଏହି ଅଞ୍ଚଳଗୁଡ଼ିକ ଉପରେ ପଡ଼ିଛି। ଯଥା- ଭାଷା, ଖାଦ୍ୟପେୟ, ପର୍ବପର୍ବାଣୀ, ପୋଷାକ ଆଦି। ଏହି ଅଞ୍ଚଳରେ ଓଡ଼ିଆ ପର୍ବପର୍ବାଣୀ ପାଳନ କରିବା ସହିତ ବଙ୍ଗଳା ସଂସ୍କୃତିର କିଛି ପର୍ବପର୍ବାଣୀକୁ ମଧ୍ୟ ତାଙ୍କ ନିଜ ଚଳଣି ସହ ସାମିଲ୍ କରିନେଇଥାନ୍ତି। ଯେମିତିକି 'ଭାଇଫଣ୍ଟା' ବା 'ଭାଇ ଦ୍ୱିତୀୟା', 'ଜାମାୟୀ ଷଷ୍ଠୀ', 'ମନସା ପୂଜା'।

ବଙ୍ଗଳାରେ 'ଭାଇଫଣ୍ଟା' କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳନ କରାଯାଏ। ଏହାର ପ୍ରଭାବ ବାଲେଶ୍ୱରର କିଛି ଅଞ୍ଚଳରେ ପଡ଼ିଅଛି। ଏଥିରେ ଭଉଣୀ ଆସି ଭାଇ ମଥାରେ ତିଳକ ଦେଇ ବନ୍ଦାପନା କରି ତା'ର ଶୁଭ ମନାସେ।

'ଜାମାୟୀ ଷଷ୍ଠୀ' ଜ୍ୟେଷ୍ଠ ମାସ ଶୁକ୍ଳ ଷଷ୍ଠୀ ତିଥିରେ ପାଳିତ ହୁଏ। ଏହି ଦିନ ଶାଶୁ ଜ୍ୱାଇଁଙ୍କୁ ଶ୍ୱଶୁର ଘରକୁ ଆସିବା ପାଇଁ ନିମନ୍ତ୍ରଣ କରନ୍ତି। ଜ୍ୱାଇଁ ଆସିଲେ ଶାଶୁ ତାଙ୍କୁ ବନ୍ଦାପନା କରି ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ଖାଇବାକୁ ଦିଅନ୍ତି ଓ ନୂତନ ପୋଷାକ ମଧ୍ୟ। ଏହା ସମ୍ପୂର୍ଣ୍ଣ ଭାବରେ ବଙ୍ଗୀୟ ପ୍ରଭାବ ଦ୍ୱାରା ପାଳନ କରାଯାଏ। ସାରା ଓଡ଼ିଶାରେ ପାଳିତ ହୁଏ ନାହିଁ, କେବଳ ବାଲେଶ୍ୱରର କିଛି ଅଞ୍ଚଳରେ ପାଳନ କରାଯାଏ।

ଆମେ ଯେପରି ଅନନ୍ତ ବ୍ରତ, ନାଗ ପଞ୍ଚମୀ ପାଳନ କରନ୍ତି ଠିକ୍ ସେହିପରି ଏହି ଅଞ୍ଚଳର ଲୋକମାନେ ମନସା ପୂଜା କରନ୍ତି। ମନସା ଦେବୀ ଶିବଙ୍କ ଝିଅ, ସାପମାନଙ୍କର ରାଣୀ, ଅସୀମ ଶକ୍ତିର ଅଧିକାରିଣୀ। ବିଶ୍ୱାସ କରାଯାଏ, ତାଙ୍କ ପୂଜା ଆରାଧନା କଲେ ବାଧାବିଘ୍ନ ଦୂର ହୁଏ। ସଧବା ନାରୀମାନେ ଏହି ଓଷା ପାଳନ କରନ୍ତି। ଏହି ଓଷା ପାଇଁ କୌଣସି ନିର୍ଦ୍ଦିଷ୍ଟ ତିଥି ନିର୍ଦ୍ଧାରିତ ହୋଇନାହିଁ। ବର୍ଷରେ ଯେକୌଣସି ମଙ୍ଗଳବାର ଓ ଶନିବାର ଦିନ ଓଷେଇତୀମାନେ ଏହି ଓଷା ପାଳନ କରିପାରନ୍ତି।

ଓଡ଼ିଶାରେ ମା' କାଳୀଙ୍କ ପ୍ରତି ଭକ୍ତି ଥିଲେ ମଧ୍ୟ କେଉଁଠି ନା କେଉଁଠି ଅସୀମ ଭୟ ଥାଏ। ତାଙ୍କ ପୂଜା ବିଧି କେହି ଘରେ ମାନସିକ କରି ମୂର୍ତ୍ତି ନିର୍ମାଣ କରନ୍ତି ନାହିଁ। ହେଲେ ବାଲେଶ୍ୱରର କିଛି ଅଞ୍ଚଳରେ ମା' କାଳୀଙ୍କ ପୂଜା ଘରେଘରେ ମାନସିକ କରି କରନ୍ତି। ମା' କାଳୀଙ୍କ ପ୍ରତି ଏମାନଙ୍କ ମନରେ ଭୟ ପରିବର୍ତ୍ତେ ଅସୀମ ଭକ୍ତି ଥାଏ। ବହୁ ଆଡ଼ମ୍ବର ସହିତ ଏହି ଅଞ୍ଚଳରେ କାଳୀ ପୂଜା ପାଳନ କରାଯାଏ। ଏହା ପ୍ରାୟତଃ ବଙ୍ଗଳା ସଂସ୍କୃତିର ପ୍ରଭାବରେ ହୋଇଅଛି ବୋଲି ବିଶ୍ୱାସ କରାଯାଏ।

ଓଡ଼ିଶାରେ ପ୍ରାୟତଃ ସବୁ ଅଞ୍ଚଳରେ ଅଷ୍ଟପ୍ରହର, ଷୋଳ ପ୍ରହର, ଚବିଶ ପ୍ରହର ନାମ ଯଜ୍ଞ କୀର୍ତ୍ତନ ହେଉଛି। ବାଲେଶ୍ୱର ଅଞ୍ଚଳରେ ପ୍ରତ୍ୟେକ ଘରେ ଘରେ ଯେକୌଣସି ଶୁଭକାର୍ଯ୍ୟ ହେଲେ ପ୍ରଥମେ ମହୋତ୍ସବ ବା କୀର୍ତ୍ତନ କରିଥାନ୍ତି। ଯଥା- ପିଲାଙ୍କର ଜନ୍ମଦିନ, ଅନ୍ନପ୍ରାଶନ, ବିବାହ, ବ୍ରତ ଆଦି କାର୍ଯ୍ୟରେ। ଶୁଦ୍ଧି କାର୍ଯ୍ୟ ଶେଷରେ ଓ ବାର୍ଷିକ ଦିନ ଏହି ମହୋତ୍ସବରେ ମହାମନ୍ତ୍ରକୁ ଜପିବା ସମୟରେ ଏମାନେ 'ହରେକୃଷ୍ଣ' ବଦଳରେ ବଙ୍ଗୀୟ ପ୍ରଭାବରେ 'ହରେକ୍ରୀଷ୍ଟ' ବୋଲି ଉଚ୍ଚାରଣ କରିଥାନ୍ତି। ଏହି ମହୋତ୍ସବରେ ଥିବା ପୂଜା ବିଧି ସବୁ ମଧ୍ୟ ବଙ୍ଗଳା ଭାଷାରେ ହିଁ କରିଥାନ୍ତି। ଯେମିତିକି - ଜୟ ଜୟ ଗୋବିନ୍ଦ ଗୋପାଲ ଗଦାଧର/ କ୍ରୀଷ୍ଟଚନ୍ଦ୍ର କର କ୍ରୀପା କରୁନା ସାଗର ।।/ ଜୟ ରାଧେ ଗୋବିନ୍ଦ ଗୋପାଲ ବନମାଲି/ ଶ୍ରୀରାଧାର ପ୍ରାନଧନ ମୁକୁନ୍ଦ ମୁରାରୀ ।।/ ହରିନାମେ ବିନେରେ ଭାଇ ଗୋବିନ୍ଦ ନାମ ବିନେ/ ବିଫଲେ ମାନୁଷ ଜନମ୍ ଯାଏ ଦିନେ ଦିନେ ।।

ଓଡ଼ିଶାରେ ପ୍ରାୟତଃ ଅନ୍ୟ କୌଣସି ଅଞ୍ଚଳଗୁଡ଼ିକରେ ଚୈତନ୍ୟଙ୍କ ମନ୍ଦିର ଦେଖାଯାଏ ନାହିଁ, କିନ୍ତୁ ବାଲେଶ୍ୱର-ର ଭୋଗରାଇ, ଜଳେଶ୍ୱର, ବାଲିଆପାଳ ଆଦି ଅଞ୍ଚଳରେ ବହୁ ପରିମାଣରେ ଚୈତନ୍ୟଙ୍କ ମନ୍ଦିର ଦେଖିବାକୁ ମିଳେ। କେଉଁ ମନ୍ଦିରରେ ଚୈତନ୍ୟ ଏକା ପୂଜା ପାଉଥିଲା ବେଳେ ଅନ୍ୟ କେଉଁଠି ଚୈତନ୍ୟଙ୍କ ସାଙ୍ଗରେ ସୁବଳ ଓ ଶ୍ରୀଦାମ୍ ପୂଜା ପାଉଛନ୍ତି। ବଙ୍ଗଳା ପ୍ରଭାବରେ ଏଠାରେ ଚୈତନ୍ୟଙ୍କୁ ଶ୍ରୀକୃଷ୍ଣଙ୍କ ପରି ପୂଜା କରାଯାଏ। କାରଣ ବଙ୍ଗୀୟ ବ୍ୟକ୍ତିଙ୍କ ମତରେ ଶ୍ରୀକୃଷ୍ଣ ହିଁ ଚୈତନ୍ୟ। କୃଷ୍ଣଦାସ କବିରାଜ 'ଚୈତନ୍ୟ ଚରିତାମୃତ' ଆଦିଲୀଳାରେ ଏହା ହିଁ ଉଲ୍ଲେଖ କରିଛନ୍ତି। ଯଥା- ଯଦଦ୍ୱୈତଂ ବ୍ରହ୍ମୋପନିଷଦି ତଦପ୍ୟସ୍ୟ ତନୁଭା/ ଯ ଆତ୍ମାନ୍ତର୍ଯାମୀ ପୁରୁଷ ଇତି ସୋଽସ୍ୟାଂଶବିଭବଃ।/ ଷଡ଼ୈଶ୍ୱର୍ଯ୍ୟୈଃ ପୂର୍ଣ୍ଣୋଯଇହ ଭଗବାନ୍ ସ ସ୍ୱୟମୟଂ/ ନ ଚୈତନ୍ୟାତ୍ କୃଷ୍ଣଜ୍ଜଗତି ପରତତ୍ତ୍ୱଂ ପରମିହ।।

ବଙ୍ଗୀୟ ପରିବାରରେ ଦୁର୍ଗା ପୂଜାର ଶେଷ ଦିନ ପ୍ରତ୍ୟେକ ସଧବା ନାରୀ ମାଆ ଦୁର୍ଗାଙ୍କ ପାଖରେ ସିନ୍ଦୁର ଖେଳନ୍ତି। ଠିକ୍ ସେହି ପରମ୍ପରା ବାଲେଶ୍ୱରର କିଛି ଅଞ୍ଚଳରେ ଦେଖିବାକୁ ମିଳେ। ଓଡ଼ିଆମାନଙ୍କ ପାଇଁ 'ସିନ୍ଦୁର'ର ସ୍ଥାନ ବହୁତ ଉଚ୍ଚରେ। ତେଣୁ ତାହାକୁ ନେଇ ସେ ଖେଳିବା କଥା ସ୍ୱପ୍ନରେ ଭାବି ପାରନ୍ତି ନାହିଁ। ସେଥିପାଇଁ ଦୁର୍ଗାପୂଜାର ଶେଷ ଦିନ ବା ଦଶହରା ଦିନ ପ୍ରାନ୍ତୀୟ ବାଲେଶ୍ୱର ଅଞ୍ଚଳୀୟ ସଧବାନାରୀମାନେ ମା ଦୁର୍ଗାଙ୍କୁ ଖୁସି କରିବା ପାଇଁ ପାଖରେ ସିନ୍ଦୁର ପରିବର୍ତ୍ତେ ଅବିର ଖେଳନ୍ତି।

ଆଭ୍ୟନ୍ତରୀଣ ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତିରେ ମା' ମଙ୍ଗଳାଙ୍କ ପାଖରେ ପୂଜା ହେଉଥିଲା ବେଳେ ଉତ୍ତର ବାଲେଶ୍ୱରରେ ଶିବଙ୍କ ପାଖରେ ପୂଜା ହୁଏ। ପଶ୍ଚିମବଙ୍ଗର କିଛି ଅଞ୍ଚଳ ପୁରୁଲିଆ, ମେଦିନୀପୁର, ରାମନଗର ଆଦି ଅଞ୍ଚଳରେ ମଧ୍ୟ ଶିବଙ୍କୁ ପୂଜା କରାଯାଏ। ବାଲେଶ୍ୱର ଅଞ୍ଚଳରେ ପ୍ରଧାନ ଶୈବ ପୀଠ ଚନ୍ଦନେଶ୍ୱର ହୋଇଥିବାରୁ ଏହି ସୀମାନ୍ତ ଅଞ୍ଚଳରେ ମାଆ ମଙ୍ଗଳାଙ୍କ ସ୍ଥାନରେ ଶିବଙ୍କୁ ପୂଜା କରାଯାଏ। ମହାବିଷୁବ ସଂକ୍ରାନ୍ତିରେ ଶିବଙ୍କ ପାଖରେ ଯେଉଁ ଭକ୍ତମାନଙ୍କ ସମାଗମ ହୁଏ ଓ ଯେଉଁ ପୂଜାପାଠ କର୍ମ ଚାଲେ ତାହାକୁ ଚଡ଼କ

ମେଳା କୁହାଯାଏ। ଆଖପାଖ ପ୍ରାୟ ସବୁ ଶିବ ମନ୍ଦିରରେ ଏହି ମେଳା ଅନୁଷ୍ଠିତ ହୋଇଥାଏ ।

ଖାଦ୍ୟ ବିନା ଜୀବନ ଅସମ୍ଭବ। ଖାଦ୍ୟ ନିଜ ରୁଚିରେ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି। କଥାରେ ଅଛି 'ନିଜ ରୁଚିରେ ଖାଇବ, ପର ରୁଚିରେ ପିନ୍ଧିବ'। ଯେତେବେଳେ ଗୋଟିଏ ସଂସ୍କୃତି ଅନ୍ୟ ସଂସ୍କୃତି ଦ୍ୱାରା ପ୍ରଭାବିତ ହୁଏ ସେତେବେଳେ ପ୍ରବାଦ ପ୍ରବଚନ ମଧ୍ୟ ବଦଳିବାକୁ ଆରମ୍ଭ କରେ। ଓଡ଼ିଆ ଲୋକେ ଭାତକୁ ମୁଖ୍ୟ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି। କିନ୍ତୁ ବାଲେଶ୍ୱର ଅଞ୍ଚଳର ଲୋକେ ଭାତ ପରି ମୁଢ଼ି(ଭୁଜା)କୁ ମୁଖ୍ୟ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି। ମୁଢ଼ି ସହିତ ଆଳୁଚପ୍, ଆଳୁଦମ୍, ଘୁଗୁନିକୁ ମିଶାଇ ଖାଇଥାନ୍ତି। ଏତଦବ୍ୟତୀତ ଇଲିସି ପତୁଆ (କଞ୍ଚା ଇଲିସକୁ ଝୋଳ କରିବା) ସୁପ୍ତ, ଆଳୁପୋସ୍ତ, ଜହ୍ନିପୋସ୍ତ ଆଦି ଖାଦ୍ୟକୁ ମଧ୍ୟ ଆପଣେଇ ନେଇଛନ୍ତି। ଏମାନେ ମସଲାରେ ବଙ୍ଗାଳୀଙ୍କ ପରି ଶ୍ୱେତ ଷୋରିସ, ପୋସ୍ତ ଆଦିକୁ ବହୁଳ ବ୍ୟବହାର କରିଥାନ୍ତି।

ଆଦିବାସୀଙ୍କ ପରି ବଙ୍ଗଳାରେ ମାତୃକୈନ୍ଦ୍ରିକ ପରିବାର ଦେଖାଯାଏ, ତାର ପ୍ରଭାବରେ ବାଲେଶ୍ୱରର କିଛି ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳେ।

ଦିଲ୍ଲୀପରେ କଲିକତା ଥିଲା ମୁସଲମାନ ତଥା ମୋଗଲ ମାନଙ୍କର ମୁଖ୍ୟ ପେଣ୍ଠସ୍ଥଳୀ। ମୁସଲମାନମାନଙ୍କ ମସଜିଦ୍-ର ଶୈଳୀ ଢାଞ୍ଚାରେ କଲିକତାରେ ହିନ୍ଦୁ ମନ୍ଦିର-ଗୁଡ଼ିକ ଗଢିଉଠିଥିଲା। ଏହାର ପ୍ରଭାବ ବାଲେଶ୍ୱରର ବିଭିନ୍ନ ଅଞ୍ଚଳରେ ପରିଦୃଷ୍ଟ। ଚନ୍ଦନେଶ୍ୱର ମନ୍ଦିର, ବିଭିନ୍ନ ଛୋଟବଡ଼ ଶିବ ମନ୍ଦିର. ନୀଳକଣ୍ଠ ମନ୍ଦିର, ଚୈତନ୍ୟଙ୍କ ମନ୍ଦିରଗୁଡ଼ିକରେ ଏହି ଶୈଳୀ ଗଢ଼ିଉଠିଛି। ଏହା ମୁଖ୍ୟତଃ ଇଣ୍ଡୋ-ଇସ୍ଲାମିକ୍ ଆର୍କିଟେକଚର୍ ଅନ୍ତର୍ଭୁକ୍ତ।

ଭାଷା ଭାବର ବାହକ। ସଂସ୍କୃତିର ସଂରକ୍ଷକ। ଭାଷାର ନମନୀୟତା, ସୌନ୍ଦର୍ଯ୍ୟତା, ମଧୁରତା ଅନ୍ୟକୁ ଆକୃଷ୍ଟ କରେ, ଭାଷୀ ଭାଷା ଦ୍ୱାରା ପ୍ରଭାବିତ ହୁଏ, ଅର୍ଥାତ ଗୋଟିଏ ଜାତିର ଭାଷାକୁ ଅନ୍ୟ ଜାତି ଗ୍ରହଣ କରିଥାଏ। ଯାହା ଫଳରେ ଏକ ମିଶ୍ର ଭାଷା ସୃଷ୍ଟି ହୁଏ। ବାଲେଶ୍ୱର ଜିଲ୍ଲାର ପ୍ରାନ୍ତୀୟ ଅଞ୍ଚଳରେ ଏହା ପରିଦୃଷ୍ଟ। ଓଡ଼ିଆ ଏବଂ ବଙ୍ଗଳା ଭାଷା ମିଶ୍ରିତ କେତେକ ଶବ୍ଦକୁ ଉଦାହରଣ ନିଆଯାଇ ପାରେ। ଯଥା –

ସଜନା ଛୁଇଁ(ଓଡ଼ିଆ) - ଡାଁଟା(ବଙ୍ଗଳା)- ଦଣ୍ଡା(ମିଶ୍ରିତ)
ଅମୃତଭଣ୍ଡା(ଓଡ଼ିଆ) - ପେଁପେ(ବଙ୍ଗଳା)- ପିମ୍ପା(ମିଶ୍ରିତ)
ଝିଅ(ଓଡ଼ିଆ)- ମାଇଝି(ବଙ୍ଗଳା)- ମାୟାଝିଅ(ମିଶ୍ରିତ)
ଆଉଥରେ(ଓଡ଼ିଆ)-ଆବାର(ବଙ୍ଗଳା)-ଆବକେ(ମିଶ୍ରିତ)
ବାଇଗଣ (ଓଡ଼ିଆ) -ବେଗୁନ୍(ବଙ୍ଗଳା) -ବାଗୁଣ(ମିଶ୍ରିତ)
ଲଙ୍କା(ଓଡ଼ିଆ) -ଝାଲ୍(ବଙ୍ଗଳା) -ଝାଳ(ମିଶ୍ରିତ)
କାହିଁକି(ଓଡ଼ିଆ) -କେନ(ବଙ୍ଗଳା) -କେନେ(ମିଶ୍ରିତ)
ଉପରଓଳି(ଓଡ଼ିଆ)-ବିକାଲବେଲା(ବଙ୍ଗଳା)-ବିକାଳା(ମିଶ୍ରିତ)

ଓଡ଼ିଆ ଏବଂ ବଙ୍ଗଳା ଭାଷା ମିଶ୍ରିତ କ୍ରିୟାପଦର ଉଦାହରଣ-

ଖାଇବୁ ଆସ୍(ଓଡ଼ିଆ)-ଖାବି ଆଏ(ବଙ୍ଗଳା)-ଖାବୁ ଆଏ (ମିଶ୍ରିତ)
ଚାହିଁଅଛି (ଓଡ଼ିଆ) -ତାକେ ଆଛେ (ବଙ୍ଗଳା)-ତକା (ମିଶ୍ରିତ)
ଘୁଞ୍ଚିଯିବା (ଓଡ଼ିଆ) -ସରେଯାଓ (ବଙ୍ଗଳା)-ସର୍ (ମିଶ୍ରିତ)
ପିନ୍ଧିବା(ଓଡ଼ିଆ)- ପରେନାଓ(ବଙ୍ଗଳା) - ପହଁରି ପକା (ମିଶ୍ରିତ)

ଓଡ଼ିଆ ଏବଂ ବଙ୍ଗଳା ଭାଷା ମିଶ୍ରିତ ବାକ୍ୟର ଉଦାହରଣ-

ଅଇ ଜିନିଷ ଟାକେ ଫେଲେଦାଓୟା। (ବଙ୍ଗଳା)
ଏହି ଜିନିଷ ଟାକୁ ଫାମ୍ପେଡ଼େଇ ଦେ। (ମିଶ୍ରିତ)
ଏହି ଜିନିଷଟାକୁ ଫିଙ୍ଗି ଦିଅ। (ଓଡ଼ିଆ)
ରତନ ହରି ବାଲେଶ୍ୱର ବେଡ଼ାତେ ଗେଛେନ୍। (ବଙ୍ଗଳା)
ରତନ, ହରି ବାଲେଶ୍ୱର ବେଡ଼େଇତେ ଯାଇଛନ୍ତି। (ମିଶ୍ରିତ)
ରତନ, ହରି ବାଲେଶ୍ୱର ବୁଲିବାକୁ ଯାଇଛନ୍ତି।(ଓଡ଼ିଆ)
ତୁମି ଚୁରିଗୁଲୋ ପରେନାଓ। (ବଙ୍ଗଳା)
ତୁମେ ରୁଲିଗୁଡ଼ା ପହଁରିପକା। (ମିଶ୍ରିତ)
ତୁମେ ଚୁଡ଼ିଗୁଡ଼ିକ ପିନ୍ଧିନିଅ।(ଓଡ଼ିଆ)
ଆମି ଏକଟା ନୂତନ ଜାମା ପରବୋ। (ବଙ୍ଗଳା)
ମୁଁ ଗୁଟେ ନୂଆ ଅଙ୍ଗା ପରିମି। (ମିଶ୍ରିତ)
ମୁଁ ଗୋଟିଏ ନଉଆ ପୋଷାକ ପିନ୍ଧିବି।(ଓଡ଼ିଆ)

ବଙ୍ଗଳା ଭାଷାରେ 'ଓ' ଏବଂ 'ଆ' ଧ୍ୱନି ଉପରେ ଅଧିକ ବଳାଘାତ ଦିଆଯାଇଥାଏ, ଯେମିତିକି ଯାବୋ', ଖାବୋ' ଇତ୍ୟାଦି। ଠିକ୍ ସେହିପରି ବାଲେଶ୍ୱର ଅଞ୍ଚଳରେ 'ଓ' ଧ୍ୱନି ଉପରେ ବଳାଘାତ ମଧ୍ୟ ଦେଇଥାନ୍ତି ଯେମିତିକି – 'କୁଆଡେ' ସ୍ଥାନରେ 'କାଆଡୋ" କୁହନ୍ତି।

ଏହା ବ୍ୟତୀତ ବଙ୍ଗଳାର କିଛି ଶବ୍ଦକୁ ମଧ୍ୟ ସମ୍ପୂର୍ଣ୍ଣ ଅକ୍ଷୁଣ୍ଣ ପ୍ରାୟ ବ୍ୟବହାର କରାଯାଇଥାଏ ଯଥା – ଜଲ୍ (ଜଳ), କାକୀ ମା(ଖୁଡୀ), ବଉଦି(ଭାଉଜ), ସିଧ(ସିଝା), ଦାଦା(ବଡ଼ ଭାଇ) ହାଉହାଉ(ଲଙ୍କାର ରାଗ), ଭାଇ (ସାନଭାଇ) ଆଦି।

ସାହିତ୍ୟ କ୍ଷେତ୍ରରେ ଡ.କାର୍ତ୍ତିକେଶ୍ୱର ପାତ୍ର, ଅବଦୁଲ ରହିମ, ପରେଶ ବସୁ, ଅତୁଳ ଚନ୍ଦ୍ର ପ୍ରଧାନ, କମଳାକାନ୍ତ ସେଣ ଆଦିଙ୍କ ଲେଖାରେ ଏହି ଅଞ୍ଚଳର ଲୋକ ମୁଖର ଭାଷା ଦେଖିବାକୁ ମିଳେ। ଡ.କାର୍ତ୍ତିକେଶ୍ୱର ପାତ୍ରଙ୍କ 'ଆକାଶର ଆଖି', 'ଶତାବ୍ଦୀର ଶିକାର', 'ମମତାର ମୋତି', 'ମୁହାଣ ମୁହଁ', 'ଦଳିତ ଦୁର୍ବା', 'ସୁବର୍ଣ୍ଣ ଶାମୁକା', 'ନର୍କର ନାମ ଅମରାବତୀ', 'ଝଡ଼ର ଫୁଲ', 'ସିପାହୀ ବିଦ୍ରୋହ', 'ବିଷତୃଷ୍ଣା', 'କାରୁବାକୀ', 'ଇତିହାସର ଛାଇ', 'ସମ୍ରାଟ ଖାରବେଳ', 'ଜଳୁଛି ଜଉଘର' ଆଦି ଲେଖାଗୁଡ଼ିକରେ ଏହି ଭାଷା ଦୃଷ୍ଟିଗୋଚର ହୁଏ। ଫକୀର ମୋହନ ସେନାପତି, ମନୋଜ ଦାସ, କାର୍ତ୍ତିକେଶ୍ୱର ପାତ୍ରଙ୍କ ଉପନ୍ୟାସରେ ବ୍ୟବହୃତ ବାକ୍ୟର କେତେକ ବାକ୍ୟକୁ ଦୃଷ୍ଟାନ୍ତ ରୂପେ ନିଆଯାଇପାରେ। ଯଥା- ଚେଲ୍ ବାବା କାନ୍ଥଡ଼ା ଚେଲ୍ (ଧୂଳିଆ ବାବା – ଫକୀର ମୋହନ ସେନାପତି –ପୃ-

୬୧), କାହାର କିରକମ ମିଜାଜ, କିଏ କାହିଁରେ ଖୁସି ଜାଣନ୍ତି (ଡାକମୁନ୍‌ସି – ଫକୀର ମୋହନ ସେନାପତି – ପୃ- ୫୭), ସତ୍ୟ ଘଟନା (ବାଲେଶ୍ୱରୀ ରାହାଜାନୀ – ଫକୀର ମୋହନ ସେନାପତି – ପୃ-୨୦), ବାସ୍ତବିକ୍, ବେପାର ବା କନ୍ୟା ମନୀଷାର ଖବର ନେବା ଦିଗରେ ନିଜ ଭିତରୁ ତାଗ୍‌ଦା ପାଇ ସେ ଯାଉ ନାହାନ୍ତି। (ଅମୃତ ଫଳ – ମନୋଜ ଦାସ – ପୃ-୯୯), ଏକଟା ଗାନା ଗାଓ ନା ବାବା, ବଡ଼ ମଧୁର କଣ୍ଠ ତୋମାର। (ନର୍କର ନାମ ଅମରାବତୀ- କାର୍ତ୍ତିକେଶ୍ୱର ପାତ୍ର, ପୃ-୧୦), ଚା ଆର ଜଲଖାବାର ନିଏ ଏସୋ।। (ନର୍କର ନାମ ଅମରାବତୀ- କାର୍ତ୍ତିକେଶ୍ୱର ପାତ୍ର, ପୃ- ୪୫)

**ଉପସଂହାର**: ଗୋଟିଏ ଦେଶର ମନୁଷ୍ୟ ଅନ୍ୟ ଦେଶ ବା ଜାତିର ମଣିଷ ଦ୍ୱାରା ପ୍ରଭାବିତ ହେଲେ ସମାଜ, ଚାଲିଚଳଣି ତଥା ସଂସ୍କୃତି ମଧ୍ୟ ପ୍ରଭାବିତ ହୁଏ। ତେଣୁ ବଙ୍ଗଳା ସହ ବାଲେଶ୍ୱରର ଜନସାଧାରଣ ବାଣିଜ୍ୟ ଓ ବ୍ୟବସାୟିକ କାରବାର କରିବା ହେତୁ ଉଭୟର ସଂସ୍କୃତି ପ୍ରଭାବିତ ହୋଇଛନ୍ତି। ଭାତ ଖିଆ ମଣିଷ ଭୁଜାକୁ ଆଦରି ନେଇଛି। ନଦିଆ କୀର୍ତ୍ତନରେ ମାତି ଚୈତନ୍ୟ ମନ୍ଦିର ନିର୍ମାଣ କରିଛି। ମନ୍ଦିର ନିର୍ମାଣ ଶୈଳୀ ଏବଂ ଧାର୍ମୀୟ ଚିନ୍ତନରେ ମଧ୍ୟ ବଙ୍ଗୀୟ ପ୍ରଭାବ ପରିଲକ୍ଷିତ। ବୈଷ୍ଣବ ହୋଇଯାଇଛି। କଥାଭାଷାରେ ଏକ ଶଙ୍କର ଭାଷା ବା ମିଶ୍ର ଭାଷା ସୃଷ୍ଟି ହୋଇଛି। ସେଥିପାଇଁ ଭୋଗରାଇ ନିକଟବର୍ତ୍ତୀ ବରଜପୁରର ପାନ ବରଜ କରୁଥିବା ଲୋକମୁଖରେ ଏକ ସ୍ୱତନ୍ତ୍ର ମିଶ୍ର ଭାଷା ପ୍ରଚଳିତ ଯାହାକୁ ବରଜ ଭାଷା କୁହାଗଲାଣି।

**ସହାୟକ ଗ୍ରନ୍ଥସୂଚୀ:**


୧. ଦାସ, ମନୋଜ। ଅମୃତ ଫଳ, ବିଦ୍ୟାପୁରୀ, କଟକ, ସପ୍ତମ ସଂସ୍କରଣ, ୨୦୧୩।

୨. ପଣ୍ଡା, ହରିହର। ଓଡ଼ିଶା ଇତିହାସ, ପ୍ରକାଶକ-କିତାବ ମହଲ,କଟକ,୨ୟ ସସ୍କରଣ,୨୦୦୮ ।

୩. ପଟ୍ଟନାୟକ, କଇଳାଶ(ସଂ)। ଫକୀର ମୋହନ ଗ୍ରନ୍ଥାବଳୀ (ଗଳ୍ପମାଳା), ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ପଞ୍ଚମ ସଂସ୍କରଣ, ୨୦୧୪।

୪. ପାତ୍ର, କାର୍ତ୍ତିକେଶ୍ୱର। ନର୍କର ନାମ ଅମରାବତୀ, ପଞ୍ଚଶୀଳ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୧୯୮୯।

୫. ପାତ୍ର, କାର୍ତ୍ତିକେଶ୍ୱର(ସଂ) ଏବଂ ଅନ୍ୟାନ୍ୟ। ଭୋଗରାଇ, ପ୍ରକାଶକ- ପ୍ରଜ୍ଞା ଓ ଭୋଗରାଇ ଉତ୍ସବ ପାଳନ କମିଟି, ୨୦୦୮।

୬. ପାତ୍ର, କାର୍ତ୍ତିକେଶ୍ୱର। ମୁହାଣ ମୁହଁ, ପକ୍ଷୀଘର, ଖୋର୍ଦ୍ଧା,୨୦୦୭ ।

୭. ତଥ୍ୟ ସଂଗ୍ରହ, ତଥ୍ୟ ପ୍ରଦାନକାରୀ- ଗିରିଜା ଶଙ୍କର ମହାନ୍ତି, ଅଚିନ୍ତ୍ୟ ଦାଶ, ନନ୍ଦ କୁମାର ଦାସ, ଗୀତା ଦାଶ ଓ ଲିଲି ତ୍ରିପାଠୀ ଆଦି।



**Does this article screened for similarity?**
Yes

**Conflict of interest**
The Author has no conflicts of interest to declare that they are relevant to the content of this article.



**About the Licenses**
© **Susandhya Priyadarsani Nayak 2025**. The text of this article is open access and licensed under a Creative Commons Attribution 4.0 International License



**Cite this Article :**
Nayak, Susandhya Priyadarsani, Baleswara Lokachalannire Bangiya Sanskrutira Prabhaba, Bageesha, Vol. No. 03, Issue No. 01, January-February 2025, Article No: BM2025/01-A004 | Page- 28-31| DOI: https://doi.org/10.70541/BAGEESHA/2025030104